OFFICE OF THE SPECIAL PLANNING AUTHORITY, PARLAKHEMUNDI

Tender call notice for shop rooms :-

1. 19.10.2023 date 10:30 hours from 03.11.2023 Tender papers will be sold till 12.00 hours.
2. 04.11. 2023 within 3.00 PM (Tender Paper must reach through Register Post or Speed Post.)
3. The tender will be opened on 04.11.2023 at 5.00 pm

# ସ୍ୱତନ୍ତ୍ର ଯୋଜନା ଅଧୀକାରୀ, ପାରଳାଖେମୁଣ୍ଡି, ଗଜପତି

ପତ୍ର ସଂ ୬୩୨ ତା ୧୨.୧୦.୨୦ ରିଖ

ଏତଦ୍ ଦ୍ୱାରା ପାରଳାଖେମୁଣ୍ଡି ସ୍ୱତନ୍ତ୍ର ଯୋଜନା ଅଧୀକାରୀ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଇଛି କି, ପାରଳାଖେମୁଣ୍ଡି ସ୍ୱତନ୍ତ୍ର ଯୋଜନ ଅଧୀକାରୀ ଆର. ଟି. ଓ. ସାମନାରେ ନିର୍ମିତ ଦୋକାନ ଗୃହର ଆବଣ୍ଟନ ପାଇଁ ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ । ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଆବେଦନ କରିପାରିବେ । ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ଟେଣ୍ଡର ସର୍ତ୍ତାବାଳୀ ନିମ୍ନମତେ ଦିଆଗଲା ।

| ୪ ଗୋଟି ଦୋକାନ | | | | | | |
|---|---|---|---|---|---|---|
| କ୍ରମିକ ନଂ. | ଦୋକାନ ନଂ. | ଦୋକାନ ଆକାର ( ବର୍ଗ ଫୁଟ) | ମୋଟ ଦୋକାନ | ନିର୍ଧାରିତ ସର୍ବନିମ୍ନ ମୂଲ୍ୟ। ପ୍ରତ୍ୟେକ ପାଇଁ | ଅମାନତ ରାଶି ପ୍ରତ୍ୟେକ ପାଇଁ | ପ୍ରତ୍ୟେକ ଦୋକାନ ମାସିକ ଭଡା |
| ୧ | ୧ ଠାରୁ ୪ | ୧୦ ଫୁଟ କୁ ୧୪ ଫୁ | ୪ | ଟ. ୧,୫୦,୦୦୦ ଙ୍କା ପ୍ରତ୍ୟେକ ଦୋକାନ ପାଇଁ | ୧୦,୦୦୦/- | ୨,୧୦୦/- |
| ମୋଟ | | | ୪ | | | |

<u>ସର୍ତ୍ତାବଳୀ</u>

୧) ପାରଳାଖେମୁଣ୍ଡି ଭିନ୍ନ ଅନ୍ୟ ଅଧିବାସୀ ଆବେଦନ କରିବେ କିନ୍ତୁ, ପାରଳାଖେମୁଣ୍ଡିର ଯୋଗ୍ୟ ଆବେଦନକାରୀ ନମିଳିଲେ ବିଚାରକୁ ନିଆଯିବ ।

୨) ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ, ସ୍ଥାନ, ସମୟରେ ନିର୍ଧାରିତ ଆବେଦନ ଟ. ୧,୦୦୦/- (ଏକ ହଜାର ଟଙ୍କା ମାତ୍ର) ମୂଲ୍ୟ ଆବେଦନ ଫର୍ମ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ସମୟ ମଧ୍ୟରେ କ୍ରୟକରି ସେହି ଫର୍ମରେ ଆବେଦନ କରି ସଂପୃକ୍ତ ଦୋକାନ ଗୃହ ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ଟେଣ୍ଡର ଦାଖଲ କାରି ନିର୍ଧାରିତ ଦୋକନର ଅମାନତ ରାଶି ସ୍ୱତନ୍ତ୍ର ଯୋଜନା ଅଧୀକାରୀ ପାରଳାଖେମୁଣ୍ଡିଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍‌ଟ ଦ୍ୱାରା ଜମା କରିବେ । ଅନ୍ୟଥା ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ଏବଂ ତାଙ୍କ ଟେଣ୍ଡର ମୂଲ୍ୟକୁ ଅସିଦ୍ଧ ଘୋଷଣା କରାଯିବ ।

୩) ଯାହାଙ୍କ ସପକ୍ଷରେ ସର୍ବୋଚ୍ଚ ଟେଣ୍ଡର ସିଦ୍ଧ ହେବ, ତାଙ୍କୁ ଦୋକାନ ଗୃହ ଆବଣ୍ଟନ କରିବାରେ ପ୍ରଥମ ସୁଯୋଗ ଦିଆଯିବ । ସେ ଉକ୍ତ ଟେଣ୍ଡର ପୂର୍ଣ୍ଣ ରାଶି ଏକକାଳିନ ଦାଖଲ କରିବେ । ନଚେତ୍ ତାଙ୍କ ଅମାନତ ରାଶି ବ୍ୟାଜାପ୍ତି କରିଯାଇ ପରବର୍ତ୍ତି ସର୍ବୋଚ୍ଚ ଟେଣ୍ଡର ଦର ଦାଖଲ କାରି ବ୍ୟକ୍ତିଙ୍କୁ ଆବଣ୍ଟନ କରାଯିବ । ନଚେତ ଉକ୍ତ ଦୋକାନର ପୁନର୍ବାର ଟେଣ୍ଡର କରାଯିବ ।

୪) ନିମ୍ନ ସ୍ୱାକ୍ଷରକାରୀ ଯେକୌଣସି ଟେଣ୍ଡର ଓ ଆବଣ୍ଟନ ବାବଦରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।

୫) ଟେଣ୍ଡର ପାଇଥିବା ବ୍ୟକ୍ତି ତାଙ୍କର ପୈଠ ଜମାକରିବା ପାଇଁ ଚୁକ୍ତି ନାମା କରିବେ । ଚୁକ୍ତିନାମାରେ ଥିବା ସର୍ତ୍ତାବଳୀ ଅନୁଯାଇ କାର୍ଯ୍ୟ କରିବେ ।

୬) ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ ।

୭) ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇପାରିବେ ।

୮) ଟେଣ୍ଡରରେ ପାଇଥିବା ବ୍ୟକ୍ତି ଉକ୍ତ ଗୃହରେ କୌଣସି ପ୍ରକାର ନିର୍ମାଣ ସମ୍ବନ୍ଧୀୟ ପରିବର୍ତ୍ତନ କରିପାରିବେ ନାହିଁ ।

୯) ଟେଣ୍ଡର ପାଇଥିବା ବ୍ୟକ୍ତି ଅନ୍ୟ କୌଣସି ବ୍ୟକ୍ତିଙ୍କୁ ସବଲେଟ୍ ଦେଇପାରିବେ ନାହିଁ ।

୧୦) କୌଣସି ଟେଣ୍ଡରଧାରୀ ସର୍ବସାଧାରଣ ଅଞ୍ଚଳରେ ସ୍ୱତନ୍ତ୍ର ଯୋଜନା ଅଧୀକାରୀ ପାରଳାଖେମୁଣ୍ଡିଙ୍କ ବିନା ଅନୁମତିରେ ବିଜ୍ଞାପନ ଫଳକ ଲଗାଇପାରିବ ନାହିଁ ।

୧୧) ଯଦି କୌଣସି ଦୋକାନୀ ପ୍ରତି ମାସରେ ଦୋକାନ ଭଡା ସେହି ମାସର ଅନ୍ତିମ ଦିବସରେ ପୈଠ ନ କରନ୍ତି ତା ପର ମାସରେ ଶତକଡା ୧୦ ଭାଗ ଜରିମନା ଦେବାକୁ ହେବେ । ଏହା ଲଗାତାର ୬ ମାସ ଯାଏ ପ୍ରଯୁଜ୍ୟ ରହିବ, ତା ପରେ ଅସମର୍ଥ ହେଲେ ଜମାଥିବା ରାଶି ଅସିଦ୍ଧ ସହ ଆବଣ୍ଟନ ରଦ୍ଦ ହେବ ।

୧୨) ଦୋକାନ ଗୃହ ମଧ୍ୟରେ କୌଣସି ପ୍ରକାର ଖାଦ୍ୟ ଜିନିଷ ରୋଷେଇ କରିପାରିବେ ନାହିଁ ।

୧୩) ପ୍ରତି ଏଗାର ମାସରେ ଲିଜ୍ ନବିକରଣ ହେବ ଏବଂ ନବୀକରଣ ବେଳେ ମୂଳ ଭଡାର ୩% ବୃଦ୍ଧି କରି ନୂତନ ଭଡା ଧାର୍ଯ୍ୟ ହେବ ।

୧୪) ଯେଉଁ ବ୍ୟକ୍ତି ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟ ଠାରୁ କମ ଦର ଦେବ ତାଙ୍କର ଟେଣ୍ଡର ଅସିଦ୍ଧ ଘୋଷଣା କରାଯିବା ସହିତଅମାନତ ରାଶି ବ୍ୟାଜାପ୍ତି ହୋଇଯିବ ।

୧୫) ଆବେଦନକାରୀଙ୍କର ଭୋଟ ପରିଚୟ ପତ୍ର, ଆଧାର କାର୍ଡ ଏବଂ ବିଦ୍ୟୁତ ବିଲ ଥିବା ଆବଶ୍ୟକ ।

୧୬) ଅସଫଳ ଟେଣ୍ଡର ଆବେଦନକାରିଙ୍କ ଅମାନତ ରାଶି ଆବଣ୍ଟନ ପ୍ରକ୍ରିୟା ସମାପନର ଏକ ମାସ ମଧ୍ୟରେ ଫେରସ୍ତ ପାଇବେ ।

୧୭) ସ୍ୱତନ୍ତ୍ର ଯୋଜନା ଅଧୀକାରୀ ପାରଳାଖେମୁଣ୍ଡି ଯେ୍କୌଣସି କିମ୍ବା ସମସ୍ତ ଟେଣ୍ଡର ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି ।

୧୮) ଜଣେ ଆବେଦନକାରୀ ସର୍ବୋଚ୍ଚ ଦୁଇଟି ଦୋକାନ ଗୃହ ପାଇଁ ଆବେଦନ କରିପାରିବେ, ଯଦି ସିଦ୍ଧ ହୁଅନ୍ତି ତାଙ୍କ ଇଚ୍ଛା ମୁତାବକ କେବଳ ଗୋଟିଏ ଦୋକାନ ଗୃହ ଆବଣ୍ଟନ କରାଯିବ ।

୨୦) ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ସ୍ୱତନ୍ତ୍ର ଯୋଜନା ଅଧୀକାରୀ ପାରଳାଖେମୁଣ୍ଡି ନିମ୍ନ କାର୍ଯ୍ୟସୂଚୀ ଅନୁଯାଇ ମିଳିପାରିବ ।

୨୧) ଆବେଦନକାରୀଙ୍କ ନାମରେ କିମ୍ବା ତାଙ୍କ ପିତା ମାତାଙ୍କ ନାମରେ ପୈଠ ହୋଇଥିବା ୨୦୨୨-୨୩ ମସିହାରଘର ଟିକସ ରସିଦର ନକଲ ଦାଖଲ କରିବେ ।

୨୨) ଟେଣ୍ଡର କାର୍ଯ୍ୟସୂଚୀ -
କ) ତା-୧୯.୧୦.୨୦୨୩ ରିଖ ୧୦:୩୦ ଘଣ୍ଟା ଠାରୁ ତା.୦୩.୧୧. ୨୦୨୩ରିଖ ଦିନ ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ ଟେଣ୍ଡର ପେପର ବିକ୍ରୟ କରାଯିବ ।

ଖ) ତା-୦୪.୧୧. ୨୦୨୩ ରିଖ ଅପରାହ୍ଣ ୩.୦୦ ଘଣ୍ଟା ମଧ୍ୟରେ (ରେଜିଷ୍ଟର ପୋଷ୍ଟ କିମ୍ବା ସ୍ପିଡ ପୋଷ୍ଟ ଜରିଆରେ ଟେଣ୍ଡର ପେପର ପହଞ୍ଚିବା ଆବଶ୍ୟକ ।

ଗ) ତା-୦୪.୧୧.୨୦୨୩ ରିଖ ଦିନ ଅପରାହ୍ଣ ୫.୦୦ ଘଣ୍ଟାରେ ଟେଣ୍ଡର ଖୋଲାଯିବ ।

୨୩) କୌଣସି କାରଣ ନଦର୍ଶାଇ ଏହି ବିଜ୍ଞାପନ ରଦ୍ଦ କରିବାର କ୍ଷମତା କର୍ତ୍ତୃପକ୍ଷଙ୍କ ରହିବ ।

ସ୍ୱତନ୍ତ୍ର ଯୋଜନା ଅଧୀକାରୀ
ପାରଳାଖେମୁଣ୍ଡି

ପରିପତ୍ର ସଂ ୨୪୦ ତା. ୧୭.୧୦.୨୦୨୩

ଏହାର ଏକକିତା ନକଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ସର୍ବସାଧରଣଙ୍କ ଅବଗତି ନିମନ୍ତେ ଲଟକାଇବା ପାଇଁ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଯୋଜନା ଅଧୀକାରୀ
ପାରଳାଖେମୁଣ୍ଡି

ପରିପତ୍ର ସଂ. ୨୪୧ ତା. 17-10-2023

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଜପତି / ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଗଜପତି / ଉପ ଜିଲ୍ଲାପାଳ ପାରଳାଖେମୁଣ୍ଡି / ତହସିଲଦାର ପାରଳାଖେମୁଣ୍ଡି / ସହକାରୀ ଯନ୍ତ୍ରୀ ଟଉନ ପ୍ଲାନିଙ୍ଗ ୟୁନିଟ, ପାରଳାଖେମୁଣ୍ଡି ଗୋଚରାର୍ଥେ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଯୋଜନା ଅଧୀକାରୀ
ପାରଳାଖେମୁଣ୍ଡି

ପରିପତ୍ର ସଂ. ୨୪୨ ତା. 17.10.23

ଏହାର ଏକକିତା ନକଲ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡିଶା, ଭୁବନେଶ୍ୱରଙ୍କୁ ପ୍ରେରଣ କରାଗଲା । ଅନୁରୋଧ କରାଗଲା ଯେ ଏହି ବିଜ୍ଞାପନକୁ କୌଣସି ଏକ ଦୈନିକ ପତ୍ରିକାରେ ଗୋଟିଏ ଦିନ ପାଇଁ ପ୍ରକାଶନ କରିବା ହେବେ ।

ସ୍ୱତନ୍ତ୍ର ଯୋଜନା ଅଧୀକାରୀ
ପାରଳାଖେମୁଣ୍ଡି